# ଡିଜିଟାଲ ମାଧ୍ୟମରେ "ଦିବ୍ୟାଙ୍ଗ ଦିବସ"

ଅଦ୍ୟ ତା–୦୩.୧୨.୨୦୨୦ ରିଖ ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଅନଲାଇନ୍ ମାଧ୍ୟମରେ ପ୍ରିୟ **NGO** ର ସହଯୋଗରେ "ଦିବ୍ୟାଙ୍ଗ ଦିବସ" ପାଳନ ହୋଇଯାଇଅଛି । ଏହି ଅବସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁକାନ୍ତ କିଶୋର ଜେନା ଉପସ୍ଥିତ ରହି ସେମାନଙ୍କୁ କିପରି ସୁବିଧାରେ ଆଇନ ସେବା ଯୋଗାଇଦିଆଯାଇପାରିବ ସେ ବିଷୟରେ ବିଷୟରେ ବିଷଦ୍ ଭାବରେ ଆଲୋଚନା କରିଥିଲେ । ଏତଦ୍ ବ୍ୟତିତ ଦିବ୍ୟାଙ୍ଗପିଲାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲହେବା ପାଇଁ ଉପଦେଶ ଦେବା ସଙ୍ଗେସଙ୍ଗେ ଦିବ୍ୟାଙ୍ଗମାନଙ୍କର ମୌଳିକ ଅଧିକାର ଏବଂ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ସମୂହ ଆଲୋଚନା କରିଥିଲେ ଏବଂ ନିଖୁଣଭାବରେ ଧ୍ୟାନଦେଇ ଆଇନ ଗତ ପରାମର୍ଶ ଦେଇଥିଲେ । ଏହି ଶିବିରରେ ପ୍ରିୟର ପରିଚାଳକ ଶ୍ରୀ ଟଙ୍କଧର ବାରିକ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ ।

ପରିଶେଷରେ ଉପସ୍ଥିତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣର **PLVs** ଏବଂ ପ୍ରିୟ **NGO** ର କର୍ମକର୍ତାମାନେ ଦିବ୍ୟାଙ୍ଗପିଲା ମାନଙ୍କୁ ସହଯୋଗ କରିବାପାଇଁ ଶପଥ ନେଇଥିଲେ ।

Sd/-
Secretary
District Legal Services Authority
Dhenkanal